# Akashvani, Sambalpur

## SAMBALPURI NEWS EVENING BULLETIN

**8 February 2026 - 7.02 pm- 7.12 pm.**

*********************************************

୧- ଅନୁଗୁଲ୍ ପାଲ୍‌ଲହଡ଼ା ନିର୍ବାଚନ୍ ମଣ୍ଡଳୀ ଲାଗି ଶହେ ୭୦ କୋଟି ନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କଲେ ରାଜ୍ୟପାଲ୍ ।

- ରାଏଜେ ଇ ଶିକ୍ଷା ବଛର୍‌ନୁ ଛାତ୍ରଛାତ୍ରୀମାନ୍‌କୁ କୃତ୍ରିମ ବୁଦ୍ଧିମତା ଜରିଏ ପାଠ୍ ପଢ଼ାଯିବା କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୨- ଓଡ଼ିଆ ଭାଷାଥି ସରକାରୀ କାମ୍‌କାଜ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଲେ ସଂସ୍କୃତି ମନ୍ତ୍ରୀ ।

୩- ରାଏଜେ ସୁରୁଖୁରୁଥି ଚାଲିଛେ ଧାନ୍‌ଘିନା ପ୍ରକ୍ରିୟା ।

- ଟୋକନ୍ ସମିଆ ସରିଥିଲେ ୧୫ ଦିନ୍ ବଢ଼ାବାର୍‌କେ ହେଇଛେ ନିଷ୍ପତି ।

ଆଉର୍

୪- କଟକ୍ ନ ୭୪ ତମ ରାଜ୍ୟ ପୁଲିସ୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ -୨୦୨୬ ହେଇଛେ ମୁଳ୍ ।

ଧର୍ମେନ୍ଦ୍ର ପ୍ରଧାନ୍          ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଜ୍ୟ ସର୍‌କାର୍ ଆଏବା ଏପ୍ରିଲ୍ ମାସୁ ୧ ନୁ ୮ ଶ୍ରେଣୀତକ୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ନୂଆଁ ପଢ଼ା ବହି ଲାଗୁ କର୍‌ବେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଅନୁଗୁଲ୍ ପବିତ୍ର ନଗର୍ ନ ପ୍ରଜାବନ୍ଧୁ ଆଉ ଓଡ଼ିଶାର୍ ଆଘର୍ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ୍ ପ୍ରଧାନ୍‌ଙ୍କର୍ ଜୟନ୍ତୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ଓଡ଼ିଶାକେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରଥି ୧ ନମ୍ବର୍ ରାଜ୍ୟ କର୍‌ବାର୍‌କେ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ । ରାଜ୍ୟର୍ ଛୁଆମାନ୍‌କୁ ଚଲ୍‌ତି ଶିକ୍ଷାବଛର୍‌ନୁ କୃତ୍ରିମ ବୁଦ୍ଧିମତା ଜରିଏ ପାଠ୍ ପଢ଼ାଯିବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ସ୍ୱର୍ଗତ ପ୍ରଧାନ୍‌ଙ୍କର୍ ଗୁଟେ ପ୍ରତିମୂର୍ତ୍ତି ଆଉ ସ୍ମୃତିପୀଠର୍ ଉନ୍ମୋଚନ୍ କରିକରି କହିଛନ୍, ଇ ପ୍ରତିମୂର୍ତ୍ତି ଆଉ ସ୍ମୃତିପୀଠ ଆଏବା ପିଢ଼ି ଲାଗି ତ୍ୟାଗ ଆଉ ସେବାର୍ ଉଦାହରଣ୍ ହେଇକରି ରହେବା । ଇତାର୍‌ସହେତେ ରାଜ୍ୟପାଲ୍ ପାଲ୍‌ଲହଡ଼ା ନିର୍ବାଚନ୍ ମଣ୍ଡଳୀର୍ ଉନ୍ନତିକରଣ୍ ଲାଗି ଶହେ ୭୦ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । ଖମାର ଠାନେ ପାଖାପାଖି ୧୧ କୋଟି ଟଙ୍କାର୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର୍

ଭବନ୍ ଆଉ ପବିତ୍ର ନଗର୍ ଆଉ ବୀରୁ ଠାନେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର୍ ଉଦ୍‌ଘାଟନ୍ କରିଛନ୍ ।

ତାର୍ ଉତ୍‌ରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କଣିହାଁ ନ ଥିବାର୍ ପିଏମ୍‌ଶ୍ରୀ ପବିତ୍ର ମୋହନ୍ ସର୍‌କାରୀ ଉଚ୍ଚମାଧମିକ୍ ବିଦ୍ୟାଳୟର୍ ପ୍ଲାଟିନମ୍ ଜୁବ୍‌ଲି ସମାରୋହଥି ଯୋଗ୍ ଦେଇଥିଲେ । ଆଏବା ବଛର୍‌ନୁ କଣିହାଁ ନ ନୂଆଁ ଯୁକ୍ତ ଦୁଇ ବିଜ୍ଞାନ୍ କଲେଜ୍ ଥାପ୍‌ନା ହେବାର୍ ସହେତେ ଛାତ୍ରୀନିବାସ୍ ତିଆର୍ କରାଯିବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ.ପି.ଆର୍

ମୁଖ୍ୟମନ୍ତ୍ରୀଙ୍କର୍ ଭୁବ୍‌ନେଶ୍ୱର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ନ ଆଏବା କାଏଲ୍ ଜନଅଭିଯୋଗ୍ ଶୁଣାଣି ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପସ୍ଥିତ୍ ରହିକରି ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ଧାରିଜ୍ ସମିଆଥି ଅଭିଯୋଗ୍‌କାରୀମାନେ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ସାଙ୍ଗେ ଉପସ୍ଥିତ୍ ରହେବାର୍‌କେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଆ ଭାଷା-ସୂର୍ଯ୍ୟବଂଶୀ ସୂରଜ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାଷା ବଂଚ୍‌ଲେ ସଂସ୍କୃତି ଆଉ ସଭ୍ୟତା ବଂଚିକରି ରହେବା ବଲି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ସର୍‌କାରୀ କାମ୍‌କାଜ୍‌ଥି ଓଡ଼ିଆ ଭାଷାର୍ ବେଭାର୍ ବାବଦ୍ ତାଲିମ୍ ଶିବିର୍‌ଥି ଯୋଗ୍ ଦେଇକରି ଶ୍ରୀ ସୂରଜ୍ କହିଛନ୍ । ମାତୃଭାଷା ସହଜ୍‌ଥି ବୁଝିହେବାର୍ ବାଗିର୍ ଆଉ ସୃଜନଶୀଳତାଥି ଭର୍‌ପୁର୍ ଆଏ । ଭାଷାର୍ ସୁରକ୍ଷା ଲାଗି ସାରା ଓଡ଼ିଆ ଜାତିକେ ଚେରେଷ୍ଟା କର୍‌ବାର୍ ଜରୁରୀ ଆଏ । ଭାଷା ଆଧାର୍‌ଥି ଗଢ଼ା ହେଇଥିବା ରାଜ୍ୟ ଭିତ୍‌ରୁ ଓଡ଼ିଶା ପହେଲା । ରାଜ୍ୟର୍ ଗୌରବ୍‌ଶାଳୀ ଐତିହ୍ୟ, ପରମ୍ପରା ଆଉ ସଂସ୍କୃତିକେ ବଂଚାବାର୍ ଦାୟିତ୍ୱ ଆଏବା ପିଢ଼ି ଉପ୍‌ରେ ରହିଛେ । ସବୁ ସର୍‌କାରୀ କାମ୍‌କାଜ୍‌ଥି ଓଡ଼ିଆ ଭାଷାର୍ ବେଭାର୍ କରାଗଲେ ଭାଷା ସୁରକ୍ଷିତ୍ ରହେବାର୍ ସହେତେ ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶାର୍ ପରିକଳ୍ପନା ସମ୍ଭବ୍ ହେଇପାର୍‌ବା । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ସୁରଜ୍ ସର୍‌କାରୀ ଅଧିକାରୀମାନ୍‌କୁ ଓଡ଼ିଆ ଭାଷାଥି କାମ୍ କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ ।

(ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

ଆୟକର ରିଟର୍ଣ୍ଣ　　　　ଆର୍‌ଏନ୍‌ୟୁ/ କଟକ୍

ଆୟକର ଆଇନ୍-୨୦୨୫ ଥି ପ୍ରସ୍ତାବିତ୍ ନିୟମାବଳୀ ଆଉ ଇ ବାବଦ୍ ଫର୍ମ ମାନ୍‌କର୍ ବାବ୍‌ଦେ ଜନସାଧାରଣଙ୍କର୍‌ନୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ୍ ବୋର୍ଡ୍ ମତାମତ୍ ମାଗିଛେ । ପ୍ରସ୍ତାବିତ୍ ନିୟମାବଳୀ ଆଉ ଫର୍ମ ମାନ୍‌କର୍ ବାବ୍‌ଦେ ସବିଶେଷ୍ ତଥ୍ୟ ଆୟକର୍ ବିଭାଗ୍‌ର ୱେବ୍‌ସାଇଟ୍ incometaxindia.gov.in ଥି ମିଲୁଛେ । ମତାମତ୍ ଉପ୍‌ରେ ବିଚାର୍ କଲା ଉତ୍‌ରୁ ଅର୍ଥମନ୍ତ୍ରଣାଳୟ ତର୍‌ଫୁ ସଂଶୋଧିତ୍ ନିୟମାବଳୀ ବାହାର୍‌ବା । ଗଲାବଛର୍ ଅଗଷ୍ଟ ମାସେ ଆୟକର ଆଇନ୍ -୨୦୨୫ ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ ପାଇଛେ । ଆଏବା ଏପ୍ରିଲ୍ -୧ ତାରିଖ୍‌ନୁ ଇଟା କାର୍ଯ୍ୟକାରୀ ହେବା ।

ଲାଇଭ୍ ପ୍ରଦର୍ଶନ୍ କାର୍ଯ୍ୟକ୍ରମ ଆଇ.ଆଣ୍ଡ୍.ପି.ଆର୍

ଅନୁସୂଚିତ ଜାତି ଆଉ ଜନଜାତି ଗବେଷଣା ଆଉ ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍ ତର୍‌ଫୁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର୍ ନ ଗଲାକାଏଲ୍ ଆଦିବାସୀ କଳା ଆଉ କଳାବସ୍ତୁ କେ ନେଇକରି ୧୫ ଦିନିଆ ଲାଇଭ୍ ପ୍ରଦର୍ଶନ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଆଏବା ୨୧ ତାରିଖ୍‌ତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ପାରମ୍ପାରିକ୍ ଆଦିବାସୀ କଳାକେ ତହଁକ୍ ଦେବାର୍, ସଂରକ୍ଷଣ୍ ଆଉ ପ୍ରଦର୍ଶନ୍ କରାଯିବା । ଇ

କାର୍ଯ୍ୟକ୍ରମ୍‌ଥି ଭାଗ୍ ନେବାର୍ ଲାଗି ଇଡ୍‌ତାଲ୍ ଚିତ୍ରକଲା, ସୌରା ଚିତ୍ରକଲା ଆଉ ବାଉଁଶ୍ ହସ୍ତଶିଳ୍ପଥି ବିଶେଷଜ୍ଞ କାରିଗର୍‌ମାନ୍‌କୁ ଭିନ୍ ଭିନ୍ ସମନ୍ୱିତ ଆଦିବାସୀ ବିକାଶ୍ ସଂସ୍ଥା ଆଇଟିଡିଏ ତର୍‌ଫୁ ପ୍ରାୟୋଜିତ କରାଯାଇଛେ ।

ଧାନ୍‌ଘିନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଧାନ୍ ଘିନା ପ୍ରକ୍ରିୟା ଠିକ୍ ଭାବେ ଚାଲିଛେ ବଲି ସମବାୟ ମନ୍ତ୍ରୀ ପ୍ରଦୀପ ବଲସାମନ୍ତ କହିଛନ୍ । ମିଲର୍ ମାନ୍‌କର୍ ପାଖେ ଜାଗା ଅଭାବ୍ ଥିବାର୍‌ନୁ କେତେଟା ଇଲାକା ନ ଧାନ୍ ଘିନା ପ୍ରକ୍ରିୟା ସାମାଏନ୍ ଧିମେଇ ଯାଉଥିଲେ ଭିଲ୍ ପଛେ ଧାନ୍‌କେ ମିଲ୍‌ମାନ୍‌କୁ ସ୍ଥାନାନ୍ତର୍ କରାଯାଉଛେ ବଲି ସେ କହିଛନ୍ । ଟୋକନ୍ ସମିଆ ସରିଯାଉଥିବାର୍ କ୍ଷେତ୍ରଥି ୧୫ ଦିନ୍ ତକ୍ ଇତାକେ ବଢ଼ାବାର୍‌କେ ସମ୍ପୃକ୍ତ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବଛର୍ ଗୋଚର୍ ଜମିଥି ଚାଷ୍ ହେବାର୍ ସହେତେ ଭଲ୍ ଫସଲ୍ ହେଇଛେ ବଲି ମନ୍ତ୍ରୀ କହିଛନ୍ । ସେଆଡ଼େ ଆନ୍ଦୋଲନ୍‌ଥି ସମ୍ପୃକ୍ତ ଲୋକ୍‌ମାନେ ଚାଷୀ ନୁହନ୍ ବଲି ସେ ସ୍ପଷ୍ଟ କରିଛନ୍ । ସର୍‌କାର୍‌ଙ୍କୁ ବଦ୍‌ନାମ୍ କର୍‌ବାର୍ ଲାଗି ଏନ୍ତା ଆନ୍ଦୋଲନ୍ କରାଯାଉଥିବାର୍ ସେ କହିଛନ୍ । ସେଆଡ଼େ ଗଲାବଛର୍ ୫ ଶହ କୁଇଂଟାଲ୍‌ତକ୍ ଧାନ୍ ବିକ୍ରି କରିଥିବା ବଡ଼ ଚାଷୀ ଧାରିଜ୍ ପରିମାଣ୍ ନିଷ୍ପତି

ହେଇଥିବାର୍‌ନୁ ଅସୁବିଧାଥି ପଡୁଥିଲେ । ଆଏବା ବଛର୍ ଇଥିର୍‌ଲାଗି ଧ୍ୟାନ୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ ।

ଜାତୀୟ ଶିକ୍ଷାନୀତି ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ  ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ଖଟ୍‌ଖଟିଆ ଶ୍ରୀଜଗନ୍ନାଥ୍ ସର୍‌କାରୀ ଉଚ୍ଚବିଦ୍ୟାପୀଠ ନ ଚାଲିଥିବା ଜାତୀୟ ଶିକ୍ଷାନୀତି ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଶିକ୍ଷକ୍/ଶିକ୍ଷୟିତ୍ରୀମାନ୍‌କୁ ୫ ପଦି ପଦ୍ଧତି, ନୂଆଁ ପାଠ୍ୟକ୍ରମ୍, ଯୋଗଶିକ୍ଷା, କଳା ଶିକ୍ଷା, ବୃତିଗତ ଶିକ୍ଷା ବାବ୍‌ଦେ ତାଲିମ୍ ଦିଆଯାଇଥିଲା ।

କୁନ୍ତଳା କୁମାରୀ ସାବତ        ଆର୍‌ଏନ୍‌ୟୁ/ କଟକ୍

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଆଉ ସମାଜ୍‌ସେବୀ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କର୍ ଜୟନ୍ତୀ ଅବ୍‌ସରେ ଆଏଜ୍ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ତାଙ୍କର୍ ଆଦର୍ଶ ଚିନ୍ତାଧାରା ରାଜ୍ୟକେ ଗୁଟେ ସମୃଦ୍ଧ ଆଉ ସଚେତନ୍ ସମାଜ୍ ଗଢ଼୍‌ବାର୍ ଦିଗେ ସବୁବେଲେ ରାହା ଦେଖାବା ବଲି ମୁଖ୍ୟମନ୍ତ୍ରୀମୋହନ୍ ଚରଣ୍ ମାଝୀ କହିଛନ୍ । ସାହିତ୍ୟ ଆଉ

ସମାଜ୍ ସଂସ୍କାର୍‌ଥି କୁନ୍ତଳା କୁମାରୀ ସାବତ୍‌ଙ୍କର୍ ଅବଦାନ୍‌ର ତୁଲନା ନାଇଁନ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ।

ମଡ଼ିଆ ମଣ୍ଡି ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମୁଣ୍ଡା ପଡ଼ିଆ ଠାନେ ଶ୍ରୀଅନ୍ନ ଅଭିଯାନ୍, ଆଦର୍ଶ କୃଷି ଉତ୍ପାଦକ ପ୍ରଡ୍ୟୁସର୍ କମ୍ପାନୀର୍ ମିଲିତ ସହଯୋଗ୍‌ଥି ମଡ଼ିଆ ମଣ୍ଡି ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଶ୍ରୀଅନ୍ନ ଅଭିଯାନ୍ ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କାର୍ଜି ଯୋଗ୍ ଦେଇଥିଲେ ।

ଖଡ଼ିଆଲ୍ ମହୋତ୍ସବ-ସ୍ୱଚ୍ଛତା ଅଭିଯାନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଚାଲିଥିବା ଖଡ଼ିଆଲ୍ ମହୋତ୍ସବ୍-୨୦୨୬ ପାଲନ୍ ଅବ୍‌ସରେ ସ୍ୱଚ୍ଛତା ଅଭିଯାନ୍ ହେଇଯାଇଛେ । ଖଡ଼ିଆଲ୍ ଏନ୍‌ଏସି ସଫେଇ କର୍ମୀ ଆଉ ମହୋତ୍ସବ୍ ପାଲନ୍ କମିଟି ତର୍‌ଫୁ ମହୋତ୍ସବ୍ ପଡ଼ିଆ ଆଉ ସାଂସ୍କୃତିକ୍ ମଚାନ୍‌ର ସଫେଇ କରାଯାଇଛେ । ଇ ସଫେଇ କାମ୍‌ଥି ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ଆଉ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇକରି ସଫେଇ କରିଥିଲେ ।

## ପୁଲିସ୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ କଟକ୍ ସମ୍ବାଦଦାତା

କଟକ୍ ରିଜର୍ଭ ପୁଲିସ୍ ପଡ଼ିଆ ଠାନେ ଆଏଜ୍‌ଠାନୁ ୭୪ ତମ ରାଜ୍ୟ ପୁଲିସ୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ୨୦୨୬ ମୁଲ୍ ହେଇଛେ । ଉଦ୍‌ଘାଟନୀ ସମାରୋହଥି କ୍ରାଇମ୍‌ବ୍ରାଂଚ୍ ଡିଜିପି ବିନୟତୋଷ ମିଶ୍ର ଯୋଗ୍ ଦେଇକରି ଏନ୍ତା ପ୍ରତିଯୋଗିତା ଓଡ଼ିଶା ପୁଲିସ୍‌ର ଶୃଙ୍ଖଳା ସଂଯମତା ଆଉ ସହନଶୀଳତାର ପ୍ରତୀକ ବଲି କହିଛନ୍ । ବହୁତ୍‌ଟେ ଜାତୀୟ, ଆନ୍ତର୍ଜାତୀୟ ପୁଲିସ୍ କ୍ରୀଡ଼ା ପ୍ରତିଯୋଗିତାଥି ରାଜ୍ୟର୍ ପୁଲିସ୍ କର୍ମଚାରୀ ଭଲ୍ ପ୍ରଦର୍ଶନ୍ କରିକରି ରାଜ୍ୟ ଲାଗି ଗୌରବ୍ ଆନିଛନ୍ ବଲି ସେ କହିଛନ୍ । ପ୍ରତିଯୋଗିତାଥି ୩୬ ଟା ପୁଲିସ୍ ଦଲ୍‌ର ୫ ଶହ ୨ ଝନ୍ ଖେଲାଲି ଭାଗ୍ ନେଇଛନ୍ । ଭିନ୍ ଭିନ୍ ବର୍ଗଥି ୪ ଶହ ୨୭ ଝନ୍ ପୁରୁଷ ଆଉ ୭୫ ପ୍ରତିଯୋଗୀ ଇଥି ସାମିଲ୍ ଅଛନ୍ । ଆଏବା ୧୦ ତାରିଖ୍‌ତକ୍ ଇ ପ୍ରତିଯୋଗିତା ହେବା ।

## ବିଧାୟକ୍ କପ୍ ଟୁର୍ଣ୍ଣାମେଂଟ୍ ବଲାଙ୍ଗିର୍ ସମ୍ବାଦଦାତା

ଗାଁ ଇଲାକାର୍ ପ୍ରତିଭାବାନ୍ ଫୁଟ୍‌ବଲ୍ ଖେଲାଲିମାନ୍‌କୁ ସୁଯୋଗ୍ ଦେବାର୍ ଲାଗି ବଲାଙ୍ଗିର୍ ଜିଲ୍ଲା ଲୁଇସିଂହା ନିର୍ବାଚନ୍ ମଣ୍ଡଲୀ ନ ବିଧାୟକ୍ କପ୍ ଟୁର୍ଣ୍ଣାମେଂଟ୍ କୁସଙ୍ଗ

ଉଚ୍ଚବିଦ୍ୟାଳୟ ଖେଲ୍ ପଡ଼ିଆ ନ ଉଦ୍‌ଘାଟିତ୍ ହେଇଛେ । ଟୁର୍ଣ୍ଣାମେଂଟ୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଉଦ୍‌ଘାଟନ୍ କରିଛନ୍ ।

ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ପଶ୍ଚିମ ଓଡ଼ିଶା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ର ୨ ନମ୍ବର୍ ଦିନେ ଆଏଜ୍ ଝାର୍‌ସୁଗୁଡ଼ା ଦଲ୍ ୨/୧ ଗୋଲ୍‌ଥି ସମ୍ବଲ୍‌ପୁର୍ ଦଲ୍‌କେ ହରେଇଛେ । ଆଏବା କାଏଲ୍ ବଲାଙ୍ଗିର୍ ଆଉ ଦେବ୍‌ଗଡ଼୍ ଭିତ୍‌ରେ ମେଚ୍ ଖେଲାଯିବା ।

ବାବା କପ୍ ଫୁଟବଲ      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍‌ସରା ହାଇସ୍କୁଲ୍ ପଡ଼ିଆ ନ ବାବା ବୈଦ୍ୟନାଥ ଯୁବକ ସଂଘ ତର୍‌ଫୁ ଚାଲିଥିବା ବାବା କପ୍ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଂଟ୍‌ର ଆଝିରର୍ ମେଚ୍ ଭୁବନେଶ୍ୱର୍ ଆଉ ସ୍ପୋର୍ଟସ୍ ହଷ୍ଟେଲ୍ ଫୁଲ୍‌ବାଣୀ ଭିତ୍‌ରେ ଖେଲାଯାଇଥିଲା । ଇଥି ଟାଇବ୍ରେକର୍‌ଥି ଭୁବ୍‌ନେଶ୍ୱର୍ ଦଲ୍ ୬-୫ ଗୋଲ୍‌ଥି

ଜିତିଥିଲା । ଆଏବା କାଏଲ୍ ଫାଇନାଲ୍ ମେଚ୍ ଭଞ୍ଜନଗର୍ ଆଉ ଭୁବ୍‌ନେଶ୍ୱର୍ ଭିତ୍‌ରେ ଖେଲାଯିବା ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା କମ୍‌ବାର୍ ସହେତେ ଶୀତ୍ ପ୍ରଭାବ୍ ଦେଖ୍‌ବାର୍‌କେ ମିଲୁଛେ । ଗଲାକାଏଲ୍ ଜି. ଉଦୟଗିରି ନୁ ସବୁନୁ କମ୍ ତାପମାତ୍ରା ୫ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ଥିବାର୍ ବେଲେ ରାଉର୍‌କେଲା ନ ୬ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଥିଲା । ଆଏବା ୨ ଦିନ୍ ଭିତ୍‌ରେ ପାଣିପାଗ୍‌ଥି କେନ୍‌ସି ପରିବର୍ତନ୍ ନାଇଁ ହୁଏ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।